# Telephone conversation between Prime Minister and PM of Israel

**03 April 2020**

---

# ପ୍ରଧାନମନ୍ତ୍ରୀ ଏବଂ ଇସ୍ରାଏଲର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଟେଲିଫୋନ୍ ବାର୍ତ୍ତାଳାପ

ଏପ୍ରିଲ୍ 03, 2020

ଆଜି ପ୍ରଧାନମନ୍ତ୍ରୀ ଇସ୍ରାଏଲର ପ୍ରଧାନମନ୍ତ୍ରୀ ମାନ୍ୟବର ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ଟେଲିଫୋନ୍ ବାର୍ତ୍ତାଳାପ କରିଛନ୍ତି।

ଜାରି ରହିଥିବା କୋଭିଡ -19 ମହାମାରୀ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଙ୍କଟକୁ ନେଇ ସେମାନଙ୍କ ସରକାର ଗ୍ରହଣ କରିଥିବା ପ୍ରତିକ୍ରିୟା ରଣନୀତି ଉପରେ ଦୁଇ ନେତା ଆଲୋଚନା କରିଥିଲେ।

ମହାମାରୀର ମୁକାବିଲା ପାଇଁ ଭାରତ ଏବଂ ଇସ୍ରାଏଲ ମଧ୍ୟରେ ସମ୍ଭାବ୍ୟ ସହଯୋଗ, ଫାର୍ମାସ୍ୟୁଟିକାଲ୍ ସାମଗ୍ରୀର ଉପଲବ୍ଧତାକୁ ସୁଦୃଢ଼ କରିବା ଏବଂ ଉଚ୍ଚ ଟେକ୍ନୋଲୋଜିର ଅଭିନବ ଉପଯୋଗକୁ ଦୁଇ ନେତା ଅନୁସନ୍ଧାନ କରିଥିଲେ। ଏହିପରି ସମନ୍ୱୟ ଅନୁସନ୍ଧାନ ପାଇଁ ଯୋଗାଯୋଗର ଏକ ଚ୍ୟାନେଲ ବଜାୟ ରଖିବାକୁ ସେମାନେ ରାଜି ହୋଇଥିଲେ।

ମାନ୍ୟବର ଶ୍ରୀ ନେତାନ୍ୟାହୁ ପ୍ରଧାନମନ୍ତ୍ରୀଙ୍କ ସହ ସହମତ ହୋଇଥିଲେ ଯେ କୋଭିଡ -19 ମହାମାରୀ ଆଧୁନିକ ଇତିହାସର ଏକ ନୂଆ ମୋଡ଼ ଏବଂ ସମଗ୍ର ମାନବିକତାର ସାଧାରଣ ସ୍ୱାର୍ଥକୁ ଧ୍ୟାନରେ ରଖି ଜଗତୀକରଣର ଏକ ନୂତନ ଦୃଷ୍ଟିକୋଣ ସୃଷ୍ଟି କରିବା ପାଇଁ ଏହା ଏକ ସୁଯୋଗ ପ୍ରଦାନ କରୁଛି ।

**ନୂଆ ଦିଲ୍ଲୀ**
**ଏପ୍ରିଲ୍ 03, 2020**

DISCLAIMER : This is an approximate translation. The original is available in English on MEA's website and may be referred to as the official press release.